# ପିଲାଙ୍କ ପାଇଁ
# ଆଦିବାସୀ ଲୋକକଥା-୧



ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଭୁବନେଶ୍ୱର - ୭୫୧୦୦୯

ପିଲାଙ୍କ ପାଇଁ

# ଆଦିବାସୀ ଲୋକ କଥା - ୧.

**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**

*ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ*

*ଆଦିବାସୀ ପ୍ରଦର୍ଶନୀ ପଡ଼ିଆ*

ଭୁବନେଶ୍ୱର - ୭୫୧୦୦୯

# ପିଲାଙ୍କ ପାଇଁ ଆଦିବାସୀ ଲୋକ କଥା - ୧

**ପ୍ରକାଶକ :**

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ,
ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ,
ଆଦିବାସୀ ପ୍ରଦର୍ଶନୀ ପଡିଆ
ୟୁନିଟ - ୧
ଭୁବନେଶ୍ୱର - ୭୫୧୦୦୯

**ପ୍ରଚ୍ଛଦ ଓ ଅଳଂକରଣ :**

ସ୍ୱରୂପ ପାଣିଗ୍ରାହୀ

**ଗଣେଶ ଚତୁର୍ଥୀ : ୨୦୦୦**

**ମୂଲ୍ୟ : ଟ. ୧୫/-**

# Pilanka Pain Adivasi Lokakatha - 1

***Published by :***

Academy of Tribal Diclects & Culture
ST & SC Development Department
Adivasi Exhibition Ground
Unit - 1, Bhubaneswar - 751009

***Cover & Design :***

Swarup Panigrahi

***Ganesh Chaturthi : 2000***

***Price : Rs. 15/-***

# ମୁଖବନ୍ଧ

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀର ମୁଖ୍ୟ ଆଭିମୁଖ୍ୟ ହେଉଛି ଆମ ରାଜ୍ୟ ଆଦିବାସୀ ଭାଇ ଭଉଣୀ ମାନଙ୍କର ଭାଷା, ସାହିତ୍ୟ ଓ ସଂସ୍କୃତିର ସଂରକ୍ଷଣ ଓ ପରିପ୍ରସାର । ଆଦିବାସୀ ଭାଷା, ସାହିତ୍ୟ ଏବଂ ସଂସ୍କୃତିର ଏକ ମୁଖ୍ୟ ଅଙ୍ଗ ହେଉଛି ଆଦିବାସୀ ଲୋକ ସାହିତ୍ୟ । ବିଗତ୍ ଏକ ଦଶନ୍ଧି ମଧ୍ୟରେ ଏକାଡେମୀ ତାର ସୀମିତ ସମ୍ବଳ ଭିତରେ ଆଦିବାସୀ ଲୋକ ସାହିତ୍ୟର ସଂରକ୍ଷଣ ଦିଗରେ କିଛି କାର୍ଯ୍ୟ କରିଥିଲେ ମଧ୍ୟ ସେ ସବୁର ପରିପ୍ରସାର ଠିକ୍ ଭାବରେ ହୋଇ ପାରିନି । ଆମ ରାଜ୍ୟର ଅସୁମାରି ଆଦିବାସୀ ଗପ, ଗୀତ, କିମ୍ବଦନ୍ତୀ, ପହଳି, ପ୍ରବଚନ ଏବେ ମଧ୍ୟ ଆମ୍ଭମାନଙ୍କ ଲୋକ ଲୋଚନକୁ ଆସି ପାରିନି । ବିଶେଷ ଭାବରେ ଆମ ରାଜ୍ୟ ଛାତ୍ରଛାତ୍ରୀମାନେ ବିଦେଶର ଲୋକକଥା ସବୁ ଜାଣିଛନ୍ତି ମାତ୍ର ଆମ ରାଜ୍ୟରେ ଥିବା ମହାନ ଆଦିବାସୀ ଲୋକକଥା ସମ୍ବନ୍ଧରେ ସେମାନେ ପୂରାପୂରି ଅଜ୍ଞ । ଏପରିକି ଆମ ଆଦିବାସୀ ଛାତ୍ରଛାତ୍ରୀମାନେ ମଧ୍ୟ ସେମାନଙ୍କ ନିଜ ଲୋକକଥା ସମ୍ବନ୍ଧରେ ଖୁବ୍ କମ୍ ଜାଣିଛନ୍ତି । ଏହାର କାରଣ, ପିଲାମାନଙ୍କ ପାଇଁ ବିଦେଶୀ ଲୋକକଥା ମାନଙ୍କର ସଂକଳନ ଥିଲା ବେଳେ ସେମାନଙ୍କ ପାଇଁ ଆଦିବାସୀ ଲୋକକଥାର ସଂକଳନ ଆଦୌ ନାହିଁ କହିଲେ ଚଳେ । ଏହି ସବୁକୁ ଆଖିରେ ରଖି ଆମେ ପ୍ରକାଶ କରିବାକୁ ଯାଉଛୁ ''ପିଲାଙ୍କ ପାଇଁ ଆଦିବାସୀ ଲୋକକଥା'' ସିରିଜ୍ । ଏହି ପୁସ୍ତକଟି ଆମର ଏ ସିରିଜ୍‌ର ପ୍ରଥମ ଉଦ୍ୟମ ।

ଆମ ରାଜ୍ୟର ଆଦିବାସୀ ଓ ଅଣଆଦିବାସୀ ଛାତ୍ରଛାତ୍ରୀମାନଙ୍କ ପାଇଁ ପାଠୋପଯୋଗୀ ହେବାଭଳି ଲୋକକଥା ଗୁଡ଼ିକ ଚୟନ କରାଯାଇଛି । ସଂକଳନସ୍ଥ ଲୋକକଥା ଗୁଡ଼ିକ ଆଦିବାସୀ ଲୋକକଥା ଉପରେ ଆଧାରିତ ମାତ୍ର ସେ ଗୁଡ଼ିକର ଆକ୍ଷରିକ ଅନୁବାଦ ନୁହଁ ।

ଏହି ଲୋକକଥା ସଂକଳନଟିର ପ୍ରକାଶନ ମୂଳରେ ଯେଉଁ ମାନଙ୍କର ପ୍ରୋତ୍ସାହନ ରହିଛି, ସେମାନେ ହେଲେ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ମଙ୍ଗଳା କିଷାନ, ବିଭାଗୀୟ କମିଶନର ତଥା ସଚିବ ଶ୍ରୀଯୁକ୍ତ ଅରବିନ୍ଦ ବେହେରା ଏବଂ ବିଭାଗୀୟ ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ଶ୍ରୀଯୁକ୍ତ ସନ୍ତୋଷ କୁମାର ଶତପଥୀ । ପ୍ରକାଶନ ଅବସରରେ ଏକାଡେମୀ ତରଫରୁ ସେମାନଙ୍କୁ ଆମର ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଛୁ ।

ପ୍ରକାଶନଟିର ପ୍ରସ୍ତୁତି ଦିଗରେ ଅଧ୍ୟାପିକା ବିନୋଦିନୀ ପାତ୍ର ଓ ଡ: ପରମାନନ୍ଦ ପଟେଲଙ୍କ ଅକୁଣ୍ଠ ସାହାଯ୍ୟ ନିକଟରେ ଆମେ ଋଣୀ ।

ମନ୍ମଥ କୁଣ୍ଡୁ
ନିର୍ଦ୍ଦେଶକ,
*ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ, ଭୁବନେଶ୍ୱର*

# ସୂଚୀପତ୍ର



| ନଂ | ବିଷୟ | ପୃଷ୍ଠା |
|---|---|---|
| ୧- | ଭାଲୁର ମହୁଖିଆ | ୧ - ୪ |
| ୨- | ବାଘ ବିଲୁଆ କଥା (୧) | ୫ - ୧୦ |
| ୩- | ବାଘ ବିଲୁଆ କଥା (୨) | ୧୧ - ୧୬ |
| ୪- | ଢେଳି ଜଗା ପିଲା କଥା | ୧୭ - ୨୨ |
| ୫- | ତିନି ସଂଗାତ କଥା | ୨୩ - ୨୬ |

# ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ ପ୍ରକାଶିତ
# ପିଲାଙ୍କ ମନଲାଖି କେତେକ ଉପାଦେୟ ପୁସ୍ତକ

**ବିଶିଷ୍ଟ ଆଦିବାସୀ ବ୍ୟକ୍ତିଙ୍କ ଜୀବନୀ :**

ଘୁରୁ ମଙ୍ଗେର ଗମାଙ୍ଗ
ନିର୍ମଳ ମୁଣ୍ଡା ଡାଙ୍ଗ (ସାଦରୀ ଭାଷାରେ ରଚିତ)
ବିପ୍ଳବୀ ନିର୍ମଳ ମୁଣ୍ଡା
ବିପ୍ଳବୀ ଧରଣୀଧର
ବିପ୍ଳବୀ ମାଦ୍ରୀ କାଲୋ
ଶହୀଦ ଲକ୍ଷ୍ମଣ ନାୟକ
ପଣ୍ଡିତ ରଘୁନାଥ ମୁର୍ମୁ
ସନ୍ଥ କବି ଭୀମଭୋଇ

**କାହାଣୀ :**

ଆଦିବାସୀ ଲୋକ କାହାଣୀ
ସାନ୍ତାଳ ଲୋକ କାହାଣୀ
ପଶ୍ଚିମ ଓଡ଼ିଶାର ଆଦିବାସୀ ଲୋକ ସାହିତ୍ୟ

**କବିତା :**

''ଓସ୍‌ମାର'' (ଆଦିବାସୀ ପିଲାଙ୍କ ରଚିତ କବିତାର ଏକ ମନୋଜ୍ଞ ସଂସ୍କରଣ)

**ପତ୍ରିକା :**

ସର୍ଗଫୁଲ : (କଲ୍ୟାଣ ବିଭାଗୀୟ ଉଚ୍ଚ ବିଦ୍ୟାଳୟର ପିଲାଙ୍କ ଦ୍ୱାରା ରଚିତ ସୃଜନାତ୍ମକ ରଚନାର ପତ୍ରିକା)

କୁଇ ଭକ୍ତି ସଂଗୀତ
ପିଲାଙ୍କ ଆମ୍ବେଦକର

ଏତଦ୍ ବ୍ୟତୀତ ପ୍ରକାଶ ପ୍ରତୀକ୍ଷାରେ :

୧- ଆଦିବାସୀ ପଢେଇ
୨- ଆଦିବାସୀ ଚିତ୍ରାଙ୍କନ ଶିକ୍ଷା

*ପିଲାମାନେ ......*

ତୁମେମାନେ କେତେ କଣ ଦେଶ ବିଦେଶ ଲୋକ କଥା ପଢ଼ିଛ । ହେଲେ କେବେ ଆମ ରାଜ୍ୟର ଆଦିବାସୀ ଭାଇ ଭଉଣୀମାନଙ୍କ ଲୋକକଥା ପଢ଼ିଛକି ? ଆମ ଆଦିବାସୀଙ୍କ ଲୋକକଥା ସବୁ ଦେଶ ବିଦେଶର ଲୋକ କଥା ଠାରୁ କୌଣସି ଗୁଣରେ କମ୍ ନୁହେଁ । ଆଦିବାସୀ କାହାଣୀ ଛେଳିଛଗା ପିଲା କଥା ପଢ଼ିଲେ ବୁଝିପାରିବ ଏହି କାହାଣୀଟିର କେତେ ସାମଞ୍ଜସ୍ୟ ରହିଛି 'ସାତ ଚକୁଳି ଚଉଦ ଚେଁ' ବା ମୂଳ ସଂସ୍କୃତ ଗପ ''ହରିଶର୍ମା'' ଗପ ସହିତ ! ସେମିତି 'ବାଘ ଓ ବିଲୁଆ' ଗପଟି ପଢ଼ିଲେ ଜାଣିବ ଆମେରିକାର 'ଠେକୁଆ ଭାଇ' ଗପ ଠାରୁ ଏହା କିଛି କମ୍ ନୁହେଁ । ଏହିପରି ଅନେକ ଆଦିବାସୀ ଗପ ରହିଛି, ଯାହା ତୁମମାନଙ୍କ ପାଇଁ ପ୍ରସ୍ତୁତ କରୁଛୁଁ ଆଉ ଗୋଟାଏ ସଂକଳନରେ ।

# ଭାଲୁର ମହୁଖିଆ

ବଣଟିଏ । ସେଇ ବଣରେ ଗୋଟିଏ ମନୁଆ ଭାଲୁ ରହୁଥାଏ । ସେ ଭଲଭଲ ଜିନିଷ ଖୋଜି ଖାଇବାକୁ ଭଲପାଏ । ପାଚିଲା ଆମ୍ବ, ପାଚିଲା ପଣସ ଏମିତିକି ପାଚିଲା ସପୁରି ବି ଖାଇ ପକାଏ । ବେଳେବେଳେ ଆଖୁ କି କନ୍ଦମୂଳ ଖୋଳି ସେ ଖାଇଯାଏ । ହେଲେ ସବୁଠୁ ଭଲପାଏ ସେ ବଣର ମହୁ ଖାଇବାକୁ । ଯେଉଁଠି ଯାହା ଭଲ ଭଲ ଖାଇବା ଜିନିଷ ମିଳିଲା, ସେଇଠାକୁ ଠାବ କରିବାରେ ତାର ମନ ।

ଥରେ ତାର ମହୁ ଖାଇବାକୁ ବଡ଼ ମନ ହେଲା । ମହୁବସା ଖୋଜି ଖୋଜି ସେ ପାହାଡ଼ ଉପରକୁ ଚଢ଼ିଲା । ପାହାଡ଼ ଉପରେ ଗୋଟିଏ ଶୁଖିଲା ଗଛର ଡାଳରେ ମହୁଫେଣାଟିଏ ଚକୁଳି ପିଠାପରି ଝୁଲୁଥିବାର ସେ ଦେଖିପାରିଲା । ନିଜର ମୁନିଆ ନଖ ସାହାଯ୍ୟରେ ସେ ଗଛ ଉପରକୁ ଅଚିରେ ଚଢ଼ିଗଲା । ତାପରେ ମହୁଫେଣାରେ ମୁହଁ ଲଗେଇ ମନଇଚ୍ଛା ମହୁ ଖାଇବାକୁ ଲାଗିଲା ।

ତାର ଏକଥା ଦେଖି ବୁଢ଼ା ମହୁମାଛିଟିଏ ତା ପାଖକୁ ଆସି ତାକୁ କହିଲା, "ଭାଲୁ, ତୁ କାହିଁକି ଆମ ମହୁ ଖାଇଯାଉଛୁ ? ଏ ମହୁଫେଣା ଆମର । ତୁ ଏଠୁ ଚାଲିଯା ।"

ଭାଲୁ ଥୋବରା ପରି କିଛି ନ ଶୁଣି ପାଟି ଚାକୁଚାକୁ କରି ମହୁଖାଉଖାଉ କହିଲା, "ମୋତେ ମହୁ ଭାରି ଭଲଲାଗେ । ମୁଁ ତ



ମୋର ମହୁଖାଉଛି - ମୁଁ ଏଠୁ କାହିଁକି ଯିବି - ବରଂ ତୁ ଏଠୁ ପଳା ।'' ଏତକ କହିସାରି ଭାଲୁ ଆଗପରି ମହୁ ଚୋଷିବାରେ ଲାଗିଲା ।

ବୁଢ଼ାମହୁମାଛି ଉଡିଗଲା - ପରେ ପରେ ଆଉ ଦଳେ ମହୁମାଛି ଆସି ଗୁଣୁଗୁଣେଇ ହୋଇ ଭାଲୁକୁ କହିଲେ, ''ହେ ଭାଲୁ, ତୁ କାହିଁକି ଆମ ସଂଚୟ ସବୁ ସାରି ଦେଉଛୁ ? ଏ ସବୁ ମହୁ ଆମ ପିଲାପିଲି ଖାଇବେ । ତୁ ଯା, ଚାଲିଯା ଶୀଘ୍ର ଏଠୁ ।''

ଭାଲୁ ପୁଣି ପୂର୍ବପରି ପାଟି ଚାକୁଚାକୁ କରି ମହୁଖାଉଥାଏ ଆଉ କହୁଥାଏ, ''ମୋତେ ମହୁ ବହୁତ ଭଲ ଲାଗେ । ତୁମ ପିଲାଏ ଖାଇଲେ କି ନ ଖାଇଲେ, ସେଥିରେ ମୋର ଯାଏଆସେ କେତେ ? ମୁଁ ମହୁ ଖାଇବି । ମୁଁ କାହିଁକି ଏଠାରୁ ପଳାଇବି - ତମେ ସବୁ ମୋତେ ଶାନ୍ତିରେ ମହୁଖାଇବାକୁ ଦିଅ । ତମେ ସବୁ ଏଠାରୁ ଚାଲିଯାଅ ।''

ଏତିକି କହି ଭାଲୁ ପୁଣି ମହୁଖାଇବାରେ ମନଦେଲା ।

ଏଥର ବହୁତ ସଂଖ୍ୟାରେ ମହୁମାଛି କେଉଁଠୁ ଆସି ପହଞ୍ଚିଲେ ଏବଂ ଭାଲୁକୁ କହିଲେ, "ଏ ଭାଲୁ - ତୁ ଆମ ମହୁ ଖାଇଯାଉଛୁ କିଆଁ ? ଏ ମହୁଫେଣା ଆମର । ଆମ ପିଲାମାନଙ୍କ ପାଇଁ । ଆମେସବୁ କେଡ଼େ କଷ୍ଟରେ କାହିଁ କେତେ ଦୂରରୁ ମହୁ ସଂଗ୍ରହ କରି ଆଣି ଏଥିରେ ସଂଚିଛୁ । ତୁ କାହିଁକି ଖାଇବୁ ? ତୁ ଯିବୁ ନା ଆମଠୁଁ ଗାଳି ଓ କାମୁଡା ଖାଇବୁ ।"

ଭାଲୁ ଆଗପରି ପୁଣି ଥୋବରା ହୋଇ ମହୁମାଛି ମାନଙ୍କ କଥାକୁ କାନ ନ ଦେଇ ଚାକୁ ଚାକୁ କରି ମହୁ ଖାଇବାକୁ ଲାଗିଲା ଏବଂ କହିଲା - ମୋତେ ମହୁ ଖାଇବାକୁ ଖୁବ୍ ଭଲଲାଗେ - ତେଣୁ ଏ ମହୁସବୁ ମୁଁ ଖାଇବି । ତମ ପିଲାଏ ଖାଇଲେ ନ ଖାଇଲେ କଣ ଗଲା ମୋର । ତୁମେ ସବୁ ଚୁପ୍‌ଚାପ୍ ଏଠୁ ପଳାଅ । ମୋତେ ଗାଳି ଦେବ ତ ଦିଅ କି କାମୁଡ । ମୁଁ କିଂତୁ ମହୁ ନ ଖାଇ ସାରି ଏଠୁ ଯାଉନି ।"

ଏଥର ଭାଲୁଟି ତାର ମୁହଁକୁ ପୂରାପୂରି ଫେଣା ଭିତରେ ଲଗେଇ ମହାଖୁସିରେ ମହୁଚୋଷି ଖାଇବାକୁ ଲାଗିଲା । ଏଣେ ମହୁମାଛି ମାନେ ରାଗରେ ଗର ଗର ହେଲେ । ଭାଲୁ ଚାରିକଡ଼େ ଭୁଁ ଭୁଁ ହୋଇ ଘୂରି ବୁଲିଲେ - ମନଇଚ୍ଛା ତାକୁ ଅଳସୁଆ, କର୍ମକୋଢି କହି ଗାଳିଦେଲେ ଓ ଶୁଣ୍ଢରେ ଫୋଡିବାରେ ଲାଗିଲେ । କାମୁଡା ଖାଇବାରୁ ଭାଲୁକୁ ବଡ କଷ୍ଟ ହେଲା । ସେ ଗଛରୁ ତଳକୁ ଖସି ପଡ଼ିଲା - ମହୁମାଛି ମାନେ ତ ରାଗରେ ପାଚିଯାଇଥିଲେ । ତାକୁ ଗୋଡ଼େଇ ଗୋଡ଼େଇ କାମୁଡି ସାବାଡ଼ କରିଦେଲେ । ଭାଲୁ ବିଚରା, ବିକଳରେ ଗର୍ଜନ କରି ବଣ ଭିତରକୁ ଦୌଡି ପଳାଇ ଗଲା । ସେଇ ଦିନଠୁଁ ଭାଲୁ ଆଉ କେବେ ମହୁଖାଇବାକୁ



ମନ କରେନା । ମହୁଖାଇବାକୁ ମନ ହେଲେ ମହୁମାଛିମାନଙ୍କର କାମୁଡା କଥା ମନେ ପଡି ତାକୁ ଡର ମାଡ଼େ ।

ପିଲାମାନେ, ଗପଟି କିମିତି ଲାଗିଲା । ଏଇ ଗପଟି ଆମ ଓଡ଼ିଶାରେ ବସବାସ କରୁଥିବା 'କନ୍ଧ' ମାନଙ୍କଠାରୁ ସଂଗ୍ରହ କରାହୋଇଛି । ସେମାନେ ବଣ ଜଂଗଲରେ ବସବାସ କରୁଛନ୍ତି । ଆମ ଭାଷାପରି ସେମାନଙ୍କର ମଧ୍ୟ ଅଲଗା ଭାଷା ଅଛି ତାକୁ 'କୁଇ' କହନ୍ତି । ସେମାନେ ସେଇ ଭାଷାରେ କଥାବାର୍ତ୍ତା ହୁଅନ୍ତି । ଓଡ଼ିଶାର କନ୍ଧମାଳ, ରାୟଗଡା କଳାହାଣ୍ଡି ଜିଲ୍ଲାମାନଙ୍କରେ ଏମାନେ ବେଶି ବାସକରନ୍ତି । କୁଟିଆ, ଡଙ୍ଗ୍ରିଆ ଓ ଦେଶିଆ କନ୍ଧ ହିସାବରେ ଏମାନଙ୍କର ସାଧାରଣତଃ ତିନୋଟି ଗୋଷ୍ଠୀ ରହିଛି । ଏମାନେ ଖୁବ ସାଧା-ସିଧା ମଣିଷ । ନାଚ, ଗୀ. ଗପରେ ଏମାନେ ଅବସରବାକୁ କଟାଇଥାନ୍ତି । ଏମାନେ ଖୁବ୍ ସୁନ୍ଦର ସୁନ୍ଦର ଗପ କହିପାରନ୍ତି । ଗୀତ ଗାଇ ପାରନ୍ତି । ଏହି ଗପଟି ତାର ଏକ ନମୁନା ମାତ୍ର ।

# ବାଘ ଓ ବିଲୁଆ କଥା (୧)

ବଣ ପାଖରେ ଥିଲା ଗାଁଟିଏ । ସେଇ ଗାଁରେ ରହୁଥିଲେ ବୁଢ଼ା ଓ ବୁଢ଼ୀ ଦିହେଁ । ସେମାନଙ୍କର ପିଲାଝିଲା ନ ଥିଲେ । କିଛିଦିନ ପରେ ବୁଢ଼ୀ ମରିଗଲା । ବୁଢ଼ୀ ମରିଗଲାରୁ ବୁଢ଼ା ବିଚରା ଏକୁଟିଆ ହେଇଗଲା - ତେଣୁ ସେ ଗାଁଛାଡ଼ି ଆଉ ଗୋଟେ ଗାଁକୁ ଗଲା । ସେଠାରେ ଜଣେ ଧନୀଲୋକର ମକାବାଡ଼ି ଜଗିବା କାମ କଲା । ତାର କାମ ବଦଳରେ ଧନୀଲୋକଟି ବୁଢ଼ାଟିକୁ ଖାଇବା ପାଇଁ ଦିଏ ।

ଦିନେ ଗୋଟିଏ ବିଲୁଆ ମକାବାଡ଼ିକୁ ଆସିଲା । ବୁଢ଼ାକୁ ଭଲ ଦିଶୁ ନଥାଏ । ତେଣୁ ବିଲୁଆକୁ ଚିହ୍ନି ନପାରି ତାକୁ ହାକିମ ଆସୁଛନ୍ତି ବୋଲି



ଭାବିଲା । ବିଲୁଆ ସାରୁପତରକୁ ଲୁଗା ପରି ଅଣ୍ଟାରେ ଗୁଡ଼ାଇ ପିନ୍ଧିଥାଏ । ଶାଳପତ୍ରର ଟୋପି ମୁଣ୍ଡରେ ଲଗାଇଥାଏ । ହାତରେ ବି ଗୋଟିଏ ବାଡ଼ି ବାଗକରି ଧରିଥାଏ । ବୁଢ଼ା ତେଣୁ ବିଲୁଆକୁ ସାକ୍ଷାତ ହାକିମ ଭାବି ସମ୍ମାନ ଦେଖାଇଲା । ବିଲୁଆ ତ ଚଲାଖ ଜନ୍ତୁ । ସେ ବୁଢ଼ାକୁ ଆଦେଶ ଦେବାପରି ସ୍ୱରରେ କହିଲା - ''ଏ ବୁଢ଼ା, ମୋଲାଗି କଣ କିଛି ରଖିନାହୁଁ ? ଯା, ମୋ ପାଇଁ ଏ ବାଡ଼ିରୁ ଦୁଇଗଣ୍ଡା ମକା ଆଣି ପୋଡି କରି ଦେ ।''

ହାକିମଙ୍କ ହୁଙ୍କାର ଶୁଣି ବୁଢ଼ା ତରତରରେ ଦୁଇଗଣ୍ଡା ମକା ଭାଂଗି, ସେ ସବୁକୁ ନିଆଁରେ ପୋଡ଼ି ଆଣି ବିଲୁଆ ଆଗରେ ଥୋଇ ଦେଲା । ବିଲୁଆ ସବୁତକ ମକା କଡ଼୍‌କାଡ଼୍ କରି ଖାଇଦେଲା । ବୁଢ଼ା ନିଜ ଖାଇବା ପାଇଁ ଆଣିଥିବା ପେଜଭାତ ଓ ତରକାରିକୁ ମଧ୍ୟ ଚାକୁଲୁ ଚାକୁଲୁ କରି ନିମିଷକରେ ସଫାକରି ଦେଲା । ବୁଢ଼ା ବିଚରା ଖାଡା ଖାଡା ଉପାସ ।

ତହିଁ ପର ଦିନ ପୁଣି ବିଲୁଆ ହାକିମ ବେଶ ପକାଇ ଆସିଲା । ବୁଢ଼ାକୁ ଡରେଇ ମକାପୋଡା ଓ ବୁଢ଼ାର ଭାତତରକାରି ଖାଇ ଦେଇ ପଳେଇଲା ।

ବିଲୁଆର ମୁହଁରେ ପୋଡା ମକାର ଓ ବୁଢ଼ାର ରନ୍ଧା ଖାଦ୍ୟର ସୁଆଦ ଲାଗିଗଲା । ସେ ସବୁଦିନେ ଆସି ଏମିତି ବୁଢ଼ାଠୁଁ ମକା ଓ ଭାତ ତରକାରି ଖାଇବାରେ ଲାଗିଲା । ବୁଢ଼ା ବିଚରା ଖାଇବା ଆଭାବରୁ ଶୁଖି ଦୁର୍ବଳ ହେଇଗଲା । ବୁଢ଼ାଟି ଝଡି କଣ୍ଟା ହୋଇଯିବାର ଦେଖି ଧନୀଲୋକଟି ତାଠୁଁ ସବୁଖବର ବୁଝିଲା ଏବଂ ବୁଢ଼ାକୁ ଗୋଟାଏ ଉପାୟ ବତାଇଲା । ସେ ବୁଢ଼ାକୁ କହିଲା, ''ତୁ ଭାଡି ଉପରେ ବସି ମକା କିଆରି ଜଗୁଥିବୁ ।

ଆଉ ମୁଁ ବାଡି ଭିତରେ ଲୁଚି ବସିଥିବି ।'' ସେଇଆ ହେଲା । ପୁଣି ସେଦିନ ବିଲୁଆ ଆସିଲା । ପୂର୍ବପରି ବୁଢ଼ାଠାରୁ ମକା ଓ ତାର ଖାଇବା ତକ ଖୁସିରେ ଖାଇ ଚାଲିଗଲା ।

ଧନୀ ଲୋକଟି ନିଜେ ସବୁ ଦେଖି ପରତେ ଗଲା ଏବଂ ବିଲୁଆକୁ ପ୍ରାନେ ଦେବାକୁ ଉପାୟ ଚିନ୍ତିଲା ।

ସେ ମଇଦା ଓ ମକାଗୁଣ୍ଡକୁ ପାଣିରେ ଗରମକରି ଅଠା ତିଆରିକଲା ଏବଂ ଅବିକଳ ବୁଢ଼ାପରି ପାଳରେ ଗୋଟିଏ ମଣିଷପିତୁଳା ତିଆରି କଲା । ସେ ପିତୁଳାର ଦେହସାରା ମଇଦା ଓ ମକାର ଅଠାକୁ ବହଳିଆ କରି ବୋଳିଦେଲା । ଏଥର ଅଠା ପିତୁଳାଟିକୁ ବୁଢ଼ା ବସିଥିବା ଜାଗାରେ ରଖି, ଧନୀଲୋକଟି ବାଡ଼ି ଭିତରେ ଲୁଚି ବିଲୁଆର ଆସିବା ବାଟକୁ ଜଗି ବସିଲା ।

ଠିକଣା ବେଳକୁ ବିଲୁଆ ଆସିଲା । ବୁଢ଼ାକୁ ସିଧା ଠିଆ ହୋଇ ଥିବାର ଦେଖି ସେ ରାଗିଗଲା ଏବଂ କହିଲା, ''କିରେ ବୁଢ଼ା, ଆଜିକଣ ବଡ଼ ବଢ଼େଇ ଦେଖେଇ ଠିଆ ହେଇ ରହିଚୁ । ଯା ମକା ଆଣ ।''

ବୁଢ଼ାଥିଲେ ସିନା ଡରିମରି ଯାଇ ମକା ଆଣନ୍ତା । ଏତ ପାଳଭୂତଟିଏ । ତେଣୁ ବୁଢ଼ାର ପିତୁଳାଟି ଟିକେ ବି ଚହଁଲା ନାହିଁ ତା ଜାଗାରୁ । ବିଲୁଆ ଏଥର ବେଶୀ ରାଗିଗଲା ଏବଂ ବୁଢ଼ା ଗାଲରେ ଜୋର୍ ଚଟକଣିଟିଏ ପକାଇଲା । ବିଲୁଆର ହାତ ପାଳଭୂତର ଅଠାଳିଆ ଗାଲରେ ଲାଗି ରହିଲା । ବିଲୁଆର ହାତ ଲଟକି ରହିଯିବାରୁ ସେ ଆହୁରି ରାଗିଯାଇ କହିଲା, ''ବୁଢ଼ା ତୁ ମୋର ଗୋଟାଏ ହାତ ସିନା ଧରିନେଲୁ -

ଆଉ ଗୋଟିଏ ହାତରେ ତୋତେ କଣ କରୁଛି ଦେଖ୍ ।'' ଏହାକହି ଆଉ ହାତଟିରେ ସେ ବୁଢ଼ାର ଆଉ ଗାଲଟିକୁ ଜୋର୍ ଚଟକଣିଟିଏ ପାକାଇଲା । ଆଉ ହାତଟି ବି ଅଠା ଦିହରେ ଅଟକି ରହିଗଲା । ବିଲୁଆ ଏଥର ରାଗିକରି ପଞ୍ଚମ ହୋଇ କହିଲା ''ମୋ ହାତଦିଟା ସିନା ଧରିନେଲୁ, ଏବେ ଦେଖ ମୋ ଗୋଡର କରାମତି ।'' ଏତକ କହି ତା ଡାହାଣ ଗୋଡ଼ରେ ବୁଢ଼ାକୁ ଗୋଇଠେ ପକେଇବାରୁ ସେ ଗୋଡଟି ବି ଅଠାପିତୁଳା ଦେହରେ ଜାବୁଡ଼ି ହୋଇ ରହିଲା । ଏଥର ବିଲୁଆକୁ ସମ୍ଭାଳେ କିଏ ? ବଡ଼ ପାଟିରେ ପାଟିକରି ସେ କହିଲା, 'ରେ ବୁଢ଼ା ତୁ ମୋତେ କଣ ବୋଲି ଭାବିଛୁ କି, ମୋ ବାଁ ଗୋଡରେ ଗୋଇଠେ ପକେଇବି ଯେ, ତୁ ମକାବାଡ଼ି ଆର ପଟେ ଯାଇ ପଡ଼ିବୁ ।'' ଏହା କହୁକହୁ ସେ ବାଁ ଗୋଡରେ ଆଉ ଗୋଟେ ଗୋଇଠା ବୁଢ଼ାକୁ ପକାଉ ନ ପକାଉଣୁ ପୂରାପୂରି ଅଠା ପିତୁଳା ଦେହରେ ଜକଡ଼ି ହୋଇ ରହିଲା ।



ଏଥର ମହାଜନ ମକାବାଡ଼ିରୁ ବାହାରି ଆସି ବିଲୁଆକୁ ବାନ୍ଧି ପକେଇ ଲଗେଇଲା, ନିସ୍ଟୁକ ମାଡ଼ ଉପରେ ମାଡ଼ । ବିଲୁଆ ଆଉ ଯାଏ କୁଆଡ଼େ ? ଆକୁଳ ବିକଳ ହୋଇ ସେ ଧନୀଲୋକଟିକୁ କହିଲା - "ମହାଜନେ, ତୁମେ କେତେ ବଡ଼ଲୋକ ! ଚାରିଆଡ଼େ ତୁମର ନାମ ଡାକ । ମୁଁତ ଛୋଟିଆ ଚୋର ପ୍ରାଣୀଟିଏ । ମୋତେ ଏଠି ମାରିଦେଇ ବିଲୁଆବଧ କଲ ବୋଲି କି ଖ୍ୟାତି ତୁମେ ବା ପାଇବ ? ମୋତେ ବରଂ ବାନ୍ଧିକରି ତମ ଗାଁକୁ ନେଇ ଚାଲ । ସେଠି ସମସ୍ତଙ୍କ ଆଗରେ ମୋତେ ମାରିଲେ ସିନା ତମେ ଗୌରବ ପାଇବ ।"

ମହାଜନ ଭାବିଲା ସତେ ତ ! ବିଲୁଆ କଥାଟି ଠିକ୍ । ଆଜି ରାତିକ ତାକୁ ମୋ ଘୁଷୁରି ଗୁହାଳରେ ବାନ୍ଧି ରଖିବି । ରାତି ପାହିଲେ ଗାଁ ଲୋକଙ୍କ ଆଗରେ ତାକୁ ମାରିବି । ତେବେ ଯାଇ ଲୋକେ ମୋ ବୁଦ୍ଧିର ତାରିଫ୍ କରିବେ ।

ମହାଜନ ବିଲୁଆକୁ ନେଇ ନିଜ ଘୁଷୁରି ଶାଳରେ ବାନ୍ଧିରଖିଲା । ରାତିସାରା ବିଲୁଆ ବାହାରକୁ ଅନାଇ ରହିଥାଏ । ଏତିକି ବେଳେ ସେ ଦେଖିଲା ବାହାରେ ବାଘଟିଏ ଘୁଷୁରି ଛୁଆ ଚୋରୀ କରିବାକୁ ଉଣ୍ଡୁଛି । ସେ ବାଘକୁ ଭିତରକୁ ଡାକିଲା । ବାଘ ଭିତରକୁ ପଶି ଏତେ ଘୁଷୁରି ଭିତରେ ଅଛନ୍ତି ଦେଖି ମନ୍‌ଖୁସିରେ ଗୋଟାକୁ ସେଇଠି ମାରି ଖାଇ ଗଲା । ବିଲୁଆ ବାଘକୁ କହିଲା - "ବାଘମାମୁଁ ମୋତେ ଟିକେ ଖୋଲି ଦିଅନ୍ତ କି, ବଡ ପରିସ୍ରା ଲାଗିଲାଣି ।" ଘୁଷୁରି ମାଂସର ସୁଆଦ ପାଇ ବାଘ ତ ମଜଗୁଲ । ସେ ଆଗପଛ କିଛି ନ ଭାବି ବିଲୁଆକୁ ଖୋଲିଦେଲା । ବିଲୁଆ ବାଘକୁ ପ୍ରଶଂସା କରିକରି, ତା ଅବସ୍ଥା ଯେ କେତେ ସାଂଘାତିକ ହୋଇ ଯାଇଥିଲା ; ଏକଥା ବଖାଣି ବଖାଣି

ବାହାରକୁ ଆସିଲା । ବାହାରି ଆସିଲା ପରେ ତାଟିଟିକୁ ପୁଣି ଭଲକରି ବନ୍ଦ କରିଦେଲା ।

ରାତି ପାହି ସକାଳ ହେଲା । ମହାଜନ ଗାଁ ଲୋକ ଠୁଳକରି ବିଲୁଆକୁ ଗୁହାଳରୁ କାଢ଼ି ମାରିବ ବୋଲି ତାଟି ଖୋଲିଲା । ତାଟି ଖୋଲୁ ନ ଖୋଲୁଣୁ ବାଘ ଜୋରରେ ତାଟି ଠେଲି ବାହାରେ ଥିବା ଲୋକଙ୍କୁ ଆମ୍ପୁଡ଼ି ବିଦାରି ବଣକୁ ଦୌଡି ପଳାଇଲା । ମହାଜନ ଓ ଗାଁ ଲୋକେ




ବାଘକୁ ଦେଖି ଡରରେ ଛାନିଆଁ ହୋଇ ନିଜ ନିଜ ଘରେ ତାଟି ପକେଇ ଲୁଚି ରହିଲେ । ମହାଜନ ଯେ ବାଘବାନ୍ଧି ଆଣିଛି ଏକଥା ଗାଁ ଲୋକେ ଜାଣିଲେ । ବାଘ କିନ୍ତୁ ବିଲୁଆର କାରସାଦି କଥା ଭଲକରି ବୁଝି ଯାଇଥିଲା ।

# ବାଘ ଓ ବିଲୁଆ କଥା (୨)

ବାଘ ବିଲୁଆ କୁ ଖୋଜୁ ଥାଏ, ବିଲୁଆ ତାକୁ ଠକେଇବାର ପ୍ରତିଶୋଧ ନେବ ବୋଲି । ସେଦିନ ଘୁଷୁରି ଗୁହାଳରେ ତାକୁ ବନ୍ଦ କରି ପଳେଇ ଆସିଲା ଚାଲାକି କରି । କଣନା ତାକୁ ପରିସ୍ରା ଲାଗୁଛି । ହେଉ ଏକା ମାଘରେ ଶୀତ ଯାଏନି । ଏକଥା ଭାବି ବାଘ ବିଲୁଆକୁ ଖୋଜୁଥାଏ । ଧରା ପଡ଼ିଲା ଦିନେ ବିଲୁଆ । ବିଲୁଆ ମୁଠାମୁଠା କରି ବାଲି ମାପୁ ଥାଏ ସେତେବେଳକୁ ।

''ଆଜି ତୋତେ ଖାଇବି'' ଗର୍ଜନ କରି ବାଘ ମାଡିଆସିଲା ବିଲୁଆ ଉପରକୁ ।

''ଖାଇବ ତ ଖାଇବ, ଏତେ ବ୍ୟସ୍ତ କାହିଁକି ମାମୁଁ ? ଦେଖୁନ ମୁଁ ପରା ମୋ ବାପା ମା ଧାର କରିଥିବା କରଜ ଶୁଝୁଛି । ଏଇ ଆକାଶ କୁ ଅନେଇଁ ଦେଖୁନ ସେମାନେ ସବୁ କେମିତି ଆସୁଛନ୍ତି ।'' ଏହା କହି ବିଲୁଆ ବାଘକୁ ଆକାଶରେ ଚାଲୁଥିବା ମେଘଖଣ୍ଡ ମାନଙ୍କୁ ଦେଖାଇଲା । ବାଘ ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଥାଏ ଆକାଶକୁ । ଏତିକି ବେଳେ ବିଲୁଆ ବାଘ ଆଖିକୁ ଆଞ୍ଜୁଳାଏ ବାଲି ଫିଙ୍ଗି ଦେଇ ସେଠାରୁ ଦୌଡ଼ି ପଳାଇଲା । ବାଘ କାନ୍ଦି କାନ୍ଦି ସେଠାରୁ ଫେରିଲା । ମାସଟେ ପର୍ଯ୍ୟନ୍ତ ତା ଆଖିରେ ଯନ୍ତ୍ରଣା ରହିଲା ।



ଆଖିରୁ ଯନ୍ତ୍ରଣା ଭଲ ହେବାପରେ ବାଘ ପୁଣି ଖୋଜିଲା ବିଲୁଆ ଉପରେ ପ୍ରତିଶୋଧ ନେବା ପାଇଁ । ଖୋଜି ଖୋଜି ଦିନେ ପାଇଲା ବିଲୁଆକୁ । ସେତେବେଳେକୁ ବିଲୁଆ ଶାଳପତ୍ର ଆଣି ସେଥିରୁ ଡାଲା ତିଆରି କରୁଥାଏ । ''ଆଜି ତୋତେ ଖାଇବି ।'' ଗର୍ଜନ କରି ବାଘ ମାଡିଆସିଲା ବିଲୁଆ ଆଡକୁ ।

''ଖାଇବ ତ ଖାଇବ, ଏତେ ବ୍ୟସ୍ତ କାହିଁକି ମାମୁଁ ? ଦେଖୁନ କେମିତି ସୈନ୍ୟମାନେ ମାଡି ଆସୁଛନ୍ତି !'' ଏହା କହି ବିଲୁଆ ଦୂର ଜଙ୍ଗଲରେ ଲାଗିଥିବା ନିଆଁକୁ ଦେଖାଇଲା । ବାଘ ଭୟ ପାଇ କହିଲା ''ଭଣଜା, ଆମେ କଣ କରିବା ଯେ ଏବେ ? ସୈନ୍ୟ ମାନେତ ପାଖ ହୋଇ ଆସିଲେଣି । ଗୋଟିଏ କିଛି ବୁଦ୍ଧି ବାହାରକର ଭଣଜା ।''

''ମୁଁ ଆଉ କଣ କରୁଛିକି ମାମୁଁ ? ମୁଁ ପରା ଏ ଶାଳ ପତ୍ରରେ ଡାଲା ତିଆରି କରୁଛି ତା ଭିତରେ ଲୁଚିବି ବୋଲି ? ତମେ ଏବେ କଣ କରିବ ଯେ ? କାହା ଭିତରେ ଲୁଚିବ ତମେ !'' ପଚାରିଲା ବିଲୁଆ ।

"ନାଇଁ ଭଣଜା, ତୋତେ ଆଉ ମୁଁ ଖାଇବିନି । ତୁ ମୋ ପାଇଁ ଗୋଟିଏ ବଡ ଡାଲା ସିଇଁଦେ । ମୁଁ ତା ଭିତରେ ଲୁଚି ଯିବି ।" ଅନୁନୟ ହୋଇ କହିଲା ବାଘ ।

"ତେବେ ମାମୁଁ, ତୁମେ ଏଇ ବଡ଼ ପତର ଡାଲାଟି ଭିତରେ ପଶି ଯାଅ ।" କହିଲା ବିଲୁଆ ।

ବାଘ ପଶିଗଲା ବଡ ପତର ଡାଲା ଭିତରେ । ଚୁପ୍ ଚାପ୍ ହୋଇ ବସିଲା ସୈନ୍ୟ ମାନଙ୍କ ଡରରେ । ଏତିକି ବେଳକୁ ବିଲୁଆ ସେ ଡାଲାରେ ନିଆଁ ଲଗାଇଦେଲା । ବାଘ ପ୍ରାଣ ବିକଳରେ ଦଉଡିଲା । ଦେହ ଯାକ ତାର ପୋଡ଼ି ହୋଇଗଲା । ମାସେରୁ ବେଶି ଲାଗିଲା ତାର ସେ ପୋଡା ଘା ଶୁଖିବାକୁ । ଘା ଶୁଖିବାରୁ ପୁଣି ବାଘ ଖୋଜିଲା ବିଲୁଆକୁ ପ୍ରତିଶୋଧ ନେବାପାଇଁ । ଖୋଜୁ ଖୋଜୁ ବାଘ ଦିନେ ବିଲୁଆକୁ ଗୋଟିଏ ଦୋଳିରେ ଝୁଲୁଥିବାର ଦେଖିଲା । ସେଠାରେ ପହଞ୍ଚି ବାଘ କହିଲା "ତୁ କେତେ... ମୋତେ ଠକିଦେଇ ରକ୍ଷା ପାଇଗଲୁଣି । ଆଜି ତୋତେ ମୁଁ ନିଶ୍ଚ... ମାରିବି ।"

ବିଲୁଆ ଅନୁନୟ ହୋଇ କହିଲା "ବାଘ ମାମୁଁ ତୁମକୁ କଣ ମନା କରୁଛି ମୋତେ ମାରିବାକୁ । ହେଲେ ମୋ ବାପା ମାଙ୍କ ଦୋଳିରେ ମୋତେ ଟିକିଏ ଝୁଲିବାକୁ ଦିଅ । ଏ ଦୋଳିରେ ଝୁଲିବାରେ ଯେଉଁ ମଜା ! ଏହା ପରେ ମୋର ମଲେ କି ହଜିଲେ କିଛି ଚିନ୍ତା ନାହିଁ ।

ବିଲୁଆର କଥା ଶୁଣି ବାଘର ଇଚ୍ଛାହେଲା ସେ ଦୋଳିରେ ଟିକିଏ ଝୁଲିବାକୁ । ବିଲୁଆ କୁ ତ ସେ ନିଶ୍ଚୟ ଆଜି ମାରିବ । ହେଲେ ଦୋଳି ଝୁଲା ମଜା ଟିକେ ନିଆଯାଉ । ଏହା ଚିନ୍ତା କରି ବାଘ କହିଲା "ଭଣଜା ମୁଁ ଟିକିଏ କେମିତି ଦୋଳି ଝୁଲନ୍ତି ?"

"ମାମୁଁ ଟିକିଏ ରୁହ । ତୁମ ଦେହଟି ବଡ ଓଜନିଆ । ତେଣୁ ଦୋଳିକୁ ଟିକେ ଶକ୍ତ କରି ବାନ୍ଧିବା ଦରକାର । ମୁଁ ଉପରକୁ ଉଠି ଦୋଳିକୁ ଟିକିଏ ବନ୍ଧାବନ୍ଧି କରିଦିଏ ।" ବିଲୁଆ ଏହା କହି ଗଛ ଉପରକୁ ଉଠିଲା । ଉପରକୁ ଯାଇ ଦୋଳି ନଟାଟିକୁ ତାର ମୁନିଆଁ ଦାନ୍ତରେ ଅଧା କାଟି ଦେଲା । ତା ପରେ ବାଘକୁ ଦୋଳିରେ ବସିବାକୁ କହି ଖୁବ୍ ଜୋର୍‌ରେ ଦୋଳିଟିକୁ ଝୁଲାଇଦେଲା । ବାଘ ଯାଇପଡିଲା ବେଶ୍ ଦୂରରେ । ହାତ



ଗୋଡ ସବୁ ଖଣ୍ଡିଆ ଖାବରା ହୋଇଗଲା । ଏଇ ମଉକାରେ ବିଲୁଆ ଛୁ ମାରିଦେଲା ।


ବାଘର ଖଣ୍ଡିଆ ଖାବରା ଦେହ ଭଲ ହେବାପାଇଁ ଲାଗିଲା ମାସେ କି ଦୁଇ ମାସ । ଭଲ ହେବାପରେ ବାଘ ପୁଣି ଖୋଜିଲା ବିଲୁଆକୁ ପ୍ରତିଶୋଧ ନେବାପାଇଁ । ଦିନେ ବାଘ ଦେଖିଲା ବିଲୁଆ ଘୁଷୁରିଟିଏ

ଧରିବସିଛି । ତା ପାଖକୁ ଯାଇ ବାଘ କହିଲା "ଆଜି ତୋତେ ନିଶ୍ଚୟ ଖାଇବିରେ ବିଲୁଆ ।" "ହଁ ମାମୁଁ, ଖାଇବ ଯେ ହେଲେ ଏ ଘୁଷୁରିଟିକୁ କଣ କରିବା । ଚାଲ ଆଗ ମିଶି କରି ଦୁହେଁ ଘୁଷରିଟି ଖାଇବା ତା ପରେ ମୋତେ ଖାଇବ । ମୁଁ କଣ ପଳାଇ ଯାଉଛିକି ?"

ଘୁଷୁରିଟିକୁ ଦେଖି ବାଘ ପାଟିରୁ ଲାଳ ବହିଲା । ତେଣୁ ସେ ବିଲୁଆ ସହିତ ମିଶି ଆଗ ଘୁଷୁରିଟିକୁ ଖାଇ ପରେ ବିଲୁଆକୁ ଖାଇବ ବୋଲି ସ୍ଥିରକଲା । ଦୁହେଁ ମିଶି ଘୁଷୁରିଟିକୁ ମାରି ମାଉଁସ ଭାଗକଲେ । ବିଲୁଆ ନିଜ ପାଇଁ ଦଶଟି ଭାଗ କଲା । ବାଘ ପାଇଁ କେବଳ ଗୋଟାଏ ଭାଗକଲା । ବାଘ ପଚାରିବାରୁ ବିଲୁଆ ଉତ୍ତର ଦେଲା । "ଆମ ଘରେ ଆମେ ସ୍ୱାମୀ ସ୍ତ୍ରୀ ଦୁଇଜଣ, ଆମ ପିଲା ପିଲି ଏବଂ ଅଜା ଆଈ ମିଶି ଆଠ ଜଣ । ତେଣୁ ମୋର ଦଶ ଭାଗ ।" ତା ପରେ ବିଲୁଆ ବାଘକୁ ଘୁଷୁରିର ଅନ୍ତପୁଟା ସବୁ ନଦୀରେ ଧୋଇ ଆଣିବା ପାଇଁ କହିଲା । ବିଶେଷ ଭାବରେ ବାଘକୁ ଅନ୍ତନାଡି ତକ ପାଣିରେ ଭସାଇ ଦେଇ ନଂଡି ତକ ରଖିବା ପାଇଁ କହିଲା । ବାଘ ଠିକ୍ ସେଇଆ କଲା । ବାଘ ଯେଉଁ ଅନ୍ତନାଡି ସବୁ ଭସାଇ ଦେଲା ବିଲୁଆ ନଦୀର ତଳ ପଟେ ରହି ସେ ସବୁକୁ ଧରିରଖିଲା । ତାପରେ ଆସି ଦୁହେଁ ମାଉଁସ ସବୁ ଖାଇଲେ । ବାଘର ପେଟ ବଡ ମାତ୍ର ମାଂସ ମିଳିଛି ଗୋଟିଏ ଭାଗ । ଶୀଘ୍ର ତା ମାଂସ ସରିଗଲା । ତେଣୁ ବାଘ କହିଲା "ଭଣଜା ମୋତେ ଆହୁରି ଭୋକ ଲାଗୁଛି । କଣ କରିବି ?"

"ମୋତେ ବି ଭୋକ ଲାଗୁଛି ମାମୁଁ । ଦେଖୁନ ମୁଁ କେମିତି ମୋର ଅନ୍ତନାଡି ଗୁଡ଼ିକ ମୋ ପେଟ ଚିରି ବାହର କରି ଖାଉଛି ?" କହିଲା ବିଲୁଆ । "ତା ହେଲେ ମୋ ପେଟ ମଧ ଚିରିଦେ ଭଣଜା । ମୋ

ଅନ୍ତନାଡ଼ି ସବୁ ମୁଁ ଖାଇବି ।'' କହିଲା ବାଘ । ବିଲୁଆ ସଙ୍ଗେ ସଙ୍ଗେ ଛୁରୀଟିଏ ଆଣି ବାଘରୁପେଟ ଚିରିଦେବାରୁ ବାଘ ମରିଗଲା ।



*ପିଲାମାନେ, ବିଲୁଆର କରାମତି ଦେଖିଲତ ? କେଡେ ବୁଦ୍ଧିଆ ନୁହେଁ ? ଏଇ ଗପ ଦୁଇଟା ମଧ୍ୟ ଆମ ଆଦିବାସୀ ଭାଇଙ୍କ ପାଖରୁ ଶୁଣି ଲେଖା ହୋଇଛି । ସେମାନେ ଆମ "ଡିଡାୟୀ'' ଭାଇ । ଏମାନେ ଖୁବ୍ ଆଦିମ ଅବସ୍ଥାରେ ଅଛନ୍ତି । ସହରୀ ଭାଷାରେ ଏମାନେ ନିପଟ ମଫସଲି । ମାଲକାନଗିରି ଜିଲ୍ଲାର ମାଛକୁଣ୍ଡ ନଦୀ ତଟର ଉଭୟ କୂଳରେ ଏମାନେ ନିଘଞ୍ଚ ବଣ ଭିତରେ ବାସ କରନ୍ତି । ପାଞ୍ଚହଜାର ପାଖାପାଖି ଏମାନଙ୍କର ସଂଖ୍ୟା । ବଣ ଜଂଗଲ ଭିତରେ ରହି, ପରିଶ୍ରମ କରି ପେଟ ପୋଷୁଥିବାରୁ ପିଲାମାନଙ୍କୁ ଭଲରେ ପାଠ ପଢାଇ ପାରୁନାହାନ୍ତି । ତାଙ୍କର ମଧ୍ୟ ନିଜର ଭାଷାଅଛି ଯାହାକୁ ସେମାନେ ''ଗ୍ତା'' କହନ୍ତି । ଏଇ ଭାଷାରେ ସେମାନେ ନିଜ ନିଜ ଭିତରେ କଥାଭାଷା ହୋଇଥାନ୍ତି । ବାହାର ଲୋକମାନଙ୍କ ସାଥିରେ ଦେଶିଆ ଭାଷାରେ କଥାବାର୍ତ୍ତା କରିଥାନ୍ତି । ନିରକ୍ଷର ହେଲେ ସୁଦ୍ଧା ତାଙ୍କ ଗପ, କାହାଣୀ, ଗୀତରୁ ତାଙ୍କ ଜ୍ଞାନ ଗରିମା କଥା ଖୁବ୍ ଜାରି ହୋଇପଡେ । ବାଘ ଓ ବିଲୁଆ ଗପ ଦୁଇଟି ତାର ଏକ ନମୁନା ମାତ୍ର ।*

# ଛେଳିଜଗା ପିଲା କଥା

ଗୋଟିଏ ବଣ ପାଖିଆ ଗାଁରେ ରହୁଥାନ୍ତି ବୁଢ଼ାବୁଢ଼ୀ ଦିଜଣ । ସେମାନଙ୍କର ପୁଅଟିଏ ଥାଏ । ପୁଅଟି ଗାଁ ଲୋକଙ୍କର ଛେଳି ଜଗେ ।

ଛେଳିଜଗା ପିଲାଟି ବଡ଼ ହେଲାରୁ ତା ବାପାମା ତାକୁ ବାହାକରି ଘରକୁ ବୋହୂଟିଏ ଆଣିଲେ । ଦିନେ ପିଲାଟି ଆମ୍ବଗଛକୁ ଧନୁଶର ମାରିବାରୁ ଗୋଟିଏ ପାଚିଲା ଆମ୍ବ ଖସିଲା । ବୋହୂଟି ବଡ ଆଶ୍ଚର୍ଯ୍ୟ ହୋଇ ଭାବିବାକୁ ଲାଗିଲା ତା ସ୍ୱାମୀର କରାମତି କଥା । "ସେ କିପରି କିଛି ନ ଦେଖି କାଣ୍ଡମାରି ଆମ୍ବଗଛରୁ ଆମ୍ବ ଝଡାଇ ପକେଇଦେଲେ !"

"ତୁମେ ନିଶ୍ଚୟ କିଛି ଗୁଣି ଗାରେଡ଼ି ଜାଣିଛ ।" ବୋହୂଟି ତାର ସ୍ୱାମୀକୁ କହିଲା । ଏକଥାର ଉତ୍ତର ନ ଦେଇ ଚୁପ୍ ହୋଇରହିଲା ।

ଆଉ ଦିନେ ଛେଳିଜଗା ଟୋକାଟି ତାର ବୋହୂକୁ ଧରି ନିଜ ଶଶୁର ଘରକୁ ଯାଉଥିଲା । ବାଟରେ ବଣ ପଡ଼ିଲା । ଟୋକାଟି ଗୋଟାଏ ଗଛକୁ ତୀର ମାରିଦେଲା ତ ସେଇଟା ଗୋଟିଏ ମହୁଫେଣାରେ ବାଜିଲା । ମହୁମାଛି ସବୁ ଏଣେ ତେଣେ ଭଁ ଭଁ ହୋଇ ଉଡି ବୁଲିଲେ । ଫେଣାଟିରୁ ମହୁ ଟୋପାଟୋପା ହୋଇ ଝରିଲା । ସେମାନେ ପତ୍ର ଠୁଙ୍ଗାରେ ଗଛରୁ ଝରୁଥିବା ମହୁଧରି ମନ ଖୁସିରେ ପିଇଲେ । ସ୍ତ୍ରୀଟି ଏଥର ପୁଣି କହିଲା - ତୁମେ ନିଶ୍ଚୟ କିଛି ଗୁଣିଗାରେଡି ଜାଣ ।" ସ୍ୱାମୀଟି ଏଥର ତୁନି ନ ରହି କହିଲା, 'ହଁ ମୁଁ ଗୁଣି ଜାଣିଛି ।"

ସଂଜବେଳକୁ ସେମାନେ ଶ୍ୱଶୁର ଘରେ ପହଞ୍ଚିଲେ । ତାପରଦିନ ବୋହୂଟି ନଈକୁ ଗାଧୋଇ ଯିବାବେଳେ ବାଟରେ ରାଜାଙ୍କର ପାଇକ ମାନଙ୍କୁ ଦେଖିଲା । 'କୁଆଡ଼େ ଯାଉଛ' ବୋଲି ସେ ପାଇକ ମାନଙ୍କୁ ପଚାରିବାରୁ, ସେମାନେ କହିଲେ ଯେ ରାଜାଙ୍କ ଉଆସରୁ ଚୋରି ହୋଇଯାଇଛି - ତେଣୁ ସେମାନେ ଗୁଣିଆ ଖୋଜିବାକୁ ବାହାରିଛନ୍ତି, ଚୋର ଧରିବାଲାଗି । 'ମୋ ସ୍ୱାମୀ ତ ଜଣେ ବଡଗୁଣିଆ ।' ବୋହୂଟି ପାଇକମାନଙ୍କୁ ଏଇକଥା କହି ତା ବାପଘରକୁ ଡାକିନେଲା । ଏ ସବୁ କଥା ଶୁଣିବା ପରେ ଛେଳିଜଗା ଟୋକାଟି ନିଜେ ଗୁଣିଆ ନୁହେଁ ବୋଲି କହିବାର ଯୁ ନ ଥିଲା । ସେ ଗୁଣିଜାଣିଛି କହି ତା ସ୍ତ୍ରୀ ତାକୁ ବିରକ୍ତ କରିବାରୁ ବାହାଦୂରୀ ଦେଖାଇ ତ ଆଗରୁ ସେ ନିଜକୁ ଗୁଣିଆ ବୋଲି ସ୍ତ୍ରୀକୁ କହିସାରିଛି । ତାରି ଫଳତ ଇଏ । ଏବେ ବିଚାରା ଯାଏ କୁଆଡ଼େ ?

ରାଜାଙ୍କର ପାଇକମାନେ ଛେଳିଜଗା ପିଲାକୁ ଗୁଣିଆ ବୋଲି ଧରିନେଇଗଲେ ରାଜ ଉଆସକୁ । ତାକୁ ଦେଖି ଲୋକମାନେ ଗୁଣିଆ




ଆସିଗଲେ ବୋଲି ହୁରିକରି ଚାରିଆଡ଼େ ହଲ୍ଲା କଲେ । ଉଆସରେ ଛେଳିଜଗା ପିଲାକୁ ଗୁଣିଆର ଖାତିରରେ କେତେ ପ୍ରକାର ଫଳ, ପିଠା ମିଠା ଆଦି ଆଣି ଖାଇବାକୁ ଦିଆଗଲା । ଗୁଣିଆ ଟୋକା ତ ଏ ସବୁ ଚିଜ ଆଗରୁ କେବେ ଚାଖି ନଥିଲା । ତେଣୁ ଲୋଭରେ ସବୁଯାକ ଖାଇ ପକେଇଲା । ରାତିରେ ତାର ପେଟ ଫାମ୍ପିହେଲା । ପେଟକୁ ମାରିଲା । ନିଦ ହେଲାନି । ନିଜ ଭାଗ୍ୟକୁ ନିନ୍ଦି ନିନ୍ଦି ନିଜ କଲାକର୍ମକୁ ଗାଳି ଦେବାଛଡା ତାର ଆଉ ଚାରାନଥିଲା । ନିଜ ପେଟକୁ ସେ ଗାଳି ଦେଉଥାଏ । ଯେମିତି କି ସେଇ ପେଟୁ ପେଟର ସବୁ ଦୋଷ । ତାକୁ ଯେତେ ଯେତେ କଷ୍ଟ ହେଉଥାଏ ସେ ସେତେ ବେଶୀ ଗାଡୁ ଗାଡୁ ହୋଇ ପେଟକୁ ଗାଳିଦେଇ କହୁଥାଏ । ‘‘ଆରେ ପେଟୁ ପେଟ, ତୋ ପାଇଁ ସିନା ଏତେ ନାଟ । ଆଜି ଖାଇଥିଲୁ ମିଠା ପିଠା, କାଲି ଖାଇବୁ ଛାଟ ।।

ଏଣେ ରାଜାଙ୍କ ଭଣ୍ଡାରରୁ ଚୋରି କରିଥିବା ଚୋର ଗୁଣିଆ କଣ କହୁଛି ବୋଲି ଲୁଚିଲୁଚି କରି ଶୁଣିବା ପାଇଁ ଉଣ୍ଡି ହେଉଥାଏ ଅନ୍ଧାରରେ ଚୋରଟିର ଡାକ ନାମ ପେଟୁ । ଗୁଣିଆତ ତାର ନିଜ ପେଟକୁ ପେଟୁ ବୋଲି କହି ଗାଳି ଦେଉଥିଲା । ସେ ଏକଥା ଶୁଣି ଡରିଗଲା । ଭାବିଲା ଏ ଗୁଣିଆ ଜଣକ ବଡ଼ ଟାଣୁଆ ଗାରେଡି ଜାଣନ୍ତି । ନ ହେଲେ ପେଟୁକୁ କାଲିଛାଟ ଖାଇବା କଥା କହି ଗାଳିଦିଅନ୍ତେ କାହିଁକି । ସେ ଯାଇ ଛେଳିଜଗା ପିଲାର ଗୋଡତଳେ ପଡି କାନ୍ଦିକାନ୍ଦି ସବୁଦୋଷ ମାନିଗଲା । ରଜାଘରର ମଣିମୁକ୍ତା ସବୁ ଗାଁମୁଣ୍ଡ ଗଛମୂଳରେ ପୋତି ରଖିଚି ବୋଲି କହିଲା । ନେହୁରା ହୋଇ ଗୁଣିଆକୁ ତାର ଜୀବନ ରକ୍ଷା କରିବାକୁ ଅନୁରୋଧ କଲା ।

ପରଦିନ ଉଆସର ଦରବାରରେ ଭିଡ । ଗୁଣିଆ ମିଛରେ କିଛି ଗାରେଡିମନ୍ତ୍ର ଗୁଣୁଗୁଣୁ ପଢ଼ି ଧ୍ୟାନରେ ବସିଲା ।

କିଛି ସମୟ ପରେ ଧ୍ୟାନରୁ ଉଠି ସେ ରଜାକୁ କହିଲା ଯେ ରାଜାଂକ ଚୋରିଧନ ଚୋର ନେଇ ଗାଁମୁଣ୍ଡ ବରଗଛ ମୂଳରେ ପୋତି ରଖିଛି ।



ପାଇକ ମାନେ ସଂଗେ ସଂଗେ ଘଟଣାର ସତ୍ୟାସତ୍ୟ ବୁଝିବାକୁ ବରଗଛ ମୂଳକୁ ଧାଇଁଲେ । ସତକୁସତ ସେଇଠି ସବୁ ଧନରତ୍ନ ପୋତା ହୋଇ ଥିବାର ଦେଖିଲେ । ରାଜା ନିଜର ଧନସମ୍ପତ୍ତି ଫେରିପାଇ ଗୁଣିଆ ଉପରେ ମହାଖୁସ୍ । ମାତ୍ର ଆଉ ଗୋଟାଏ ପରୀକ୍ଷା କଲାପରେ ସେ ଗୁଣିଆକୁ ରଜ୍ୟର ଅଧେଦେବେ ବୋଲି ଘୋଷଣା କଲେ ।

ଏଥର ରାଜା ନିଜ ହାତ ମୁଠା ଭିତରେ ମଲ୍ଲୀଫୁଲଟିଏ ମୁଠାଇ ଧରି ଗୁଣିଆକୁ କହିଲେ, "ଗୁଣିଆ, ଏଥର ତୁମ ଗାରେଡି ବଳରେ କୁହ ମୋ ହାତମୁଠା ଭିତରେ କଣ ଅଛି ? ଠିକ୍ କହିପାରିଲେ ପାଇବ ରାଜ୍ୟରୁ ଅଧେ, ନହେଲେ ଶୂଳୀରେ ଚଢ଼ିବ ।"

ଗୁଣିଆ ବିଚରା ଡରିମରି ଇଷ୍ଟଦେବଙ୍କୁ ସ୍ମରଣ କରୁଥାଏ । କେଉଁ ସବୁ କାରଣରୁ ସେ ଆଜି ଶୂଳୀ ଚଢ଼ିବାକୁ ଯାଉଛି ସେ କଥା ମନେ ପକାଇ ପସ୍ତେଇ ହେଉଥାଏ ଓ କହୁଥାଏ, -

'ନ ଦେଖିମାରିଲି କାଣ୍ଡ,
ଗଛରୁ ଖସିଲା ଆମ୍ବ ।

ନ ଦେଖି ମାରିଲି ଶର
ବହିଲା, ମହୁର ଝର ।

ପେଟକୁ ଦେଇ ମୁଁ ଗାଳି
ପେଟୁ ଚୋରକୁ ଧରିଲି ।

ଏବେ ରଜାଙ୍କ ହାତରେ
ମଲି, ମଲିରେ, ମଲି ।

ଗୁଣିଆର ମରିବାପୂର୍ବରେ ଏ ବିଳାପକୁ ରାଜା ବୁଝି ନ ପାରି ଭାବିଲେ ଗୁଣିଆ ସତରେ ଖୁବ୍ ଜଣେ ଟାଣୁଆ ଯାଦୁଗର । 'ରଜାଙ୍କ ହାତରେ ମଲ୍ଲୀ ବୋଲି ତିନିଥର କହିଲାଣି । ସେ ବହୁତ ଖୁସି ହୋଇ ଗୁଣିଆ ମୁଣ୍ଡରେ ଶ୍ରେଷ୍ଠ ଯାଦୁକର ର ଶିରପା ବାନ୍ଧିଲେ ଏବଂ ଉପହାର ସ୍ୱରୂପ




ଅଧାରାଜ୍ୟ ତାକୁ ଦେଲେ । ଭାଗ୍ୟ ବଳରୁ ଛେଳିଜଗା ପିଲା ଏବେ ରାଜ୍ୟର ଅଧିକାରୀ ହେଲା ।

କଥା-ଚାତୁରୀରେ ଛେଳିଜଗାପିଲା କିମିତି ରଜା ହେଲା ଜାଣିଲଟ ପିଲାଏ, ଏହି ଗପଟିକୁ କହିଛନ୍ତି ଆମ ଓଡ଼ିଶାର 'ଗାଦବା' ଭାଇମାନେ । ଏମାନେ କୋରାପୁଟ ଜିଲ୍ଲାରେ ବସବାସ କରନ୍ତି । ପଟି ପଟିକିଆ ଲୁଗା ପିନ୍ଧା, ତାଙ୍କ ନାଚ ଦେଖିଲେ ଖୁବ୍ ଖୁସିଲାଗେ । ଚାଷ ବାସ କରି ଏମାନେ ନିଜର ପେଟ ପୋଷନ୍ତି । ଏମାନଙ୍କ ଘର ତିଆରି କୌଶଳ ଆମଠୁଁ ଅଲଗା । ଗୋଲାକାର ଘର ଭିତରେ ଖୁବ୍ ସୁନ୍ଦର ଭାବରେ ବସବାସ କରନ୍ତି ଏମାନେ । କଥାର ଚାତୁରୀରେ ସମସ୍ତଙ୍କ ମନ ଜିଣିପାରନ୍ତି । ଖୁବ୍ ସରଳ ଓ ବନ୍ଧୁତ୍ୱଳ ଏମାନେ । ତାଙ୍କ ଗପରୁ ତାଙ୍କ ସରଳତା ଓ ବନ୍ଧୁପଣିଆର କଥା ଜଣାପଡେ । ଏ ଗପଟି ତାର ଉଦାହରଣ ମାତ୍ର ।

# ତିନି ସଂଗାତ କଥା

ଥରେ ଗୋଟାଏ ଚୂଟିଆ ମୂଷା, ଗୋଟାଏ ଶୁଖିଲା ପତର ଏବଂ ଗୋଟାଏ କଂଚା ମାଟିର ଠେକି (ବଣା) ସଂଗାତ ବସିଲେ । ଦିନେ



ସେମାନଙ୍କର ବଣଭୋଜୀ କରିବାକୁ ମନ ହେଲା । ସେମାନେ ବଣକୁ ଚାଲିଲେ । ବଣରେ ପହଞ୍ଚି ମୂଷା ତାର ସଂଗାତ ଶୁଖିଲା ପତ୍ରକୁ ନିଆଁ ଆଣିବାକୁ ପଠେଇଲା । ପତର ନିଆଁ ଧରି ଉଡିଆସୁଥିଲା ବେଳେ ନିଆଁ ବେଶୀ ଜଳିଉଠିବାରୁ ସେ ପୋଡିହୋଇ ମରିଗଲା ।

ଏଣେ ମାଟିଠେକିକୁ ଝରଣାରୁ ଜଳ ଆଣିବାକୁ ପଠାଇଥିଲା । ମାଟିଠେକିଟା କଞ୍ଚାମାଟିରେ ତିଆରି ହୋଇଥିଲା । ପାଣିରେ ଯେମିତି ସେ ପଶିଛି ତ ପୂରାପୁରି ଭିଜିଯାଇ ବତୁରି ଗଲା । ବତୁରିଗଲା ପରେ ଆଉ ଠେକିର ଅବସ୍ଥା କିଏ ଦେଖେ । ମାଟି କାଦୁଅ ମେଞ୍ଚାଟିଏ ହୋଇ ସେଇ ଝରଣା ଜଳରେ ପଡ଼ିରହିଲା ।

ଅନେକ ବେଳ ବିତିଗଲା । ଏଣେ ସାଂଗ ଦି'ଜଣ କେହି ନ ଫେରିବାରୁ ମୂଷା ବ୍ୟସ୍ତ ହୋଇ ଝରଣା କୂଳକୁ ଯାଇ ଝରଣାକୁ ପଚାରିଲା - ''ଝରଣା, ଝରଣା, ମୋ ସାଂଗ ମାଠିଆ ପାଣିନେବାକୁ ତୋ ପାଖକୁ ଆସିଥିଲା - ସେ କୁଆଡ଼େ ଗଲା ?''

ଝରଣା କହିଲା, - ''ମାଠିଆକୁ ତ ମୁଁ ଦେଖିନି । ତେବେ ତୁ ଆସିଛୁ ଯେତେବେଳେ ମାଛ ଗୋଟାଏ ନେଇଯା ।''

ମୂଷା ମାଛଟିକୁ ଆଣି ଗୋଟାଏ କାଠଗଦା ଉପରେ ରଖିଦେଲା । କିଛି ସମୟ ପରେ ଦେଖିଲା ବେଳକୁ କାଠଗଦା ଉପରୁ ମାଛଟି ଗାଏବ । ମୂଷା କାଠଭାଡିକୁ ପଚାରିଲା,

''କାଠଗଦା, କାଠଗଦା, ମୋ ମାଛ କିଏ ଖାଇଲା ?'' କାଠଭାଡି କହିଲା ''ସେ କଥା ତ ମୁଁ ଜାଣେନା - ତେବେ ତୁ ଖଣ୍ଡେ କାଠ ମୋ ଭାଡିରୁ ନେଇ ଯାଇପାରୁ ।''

ମୂଷା କାଠଭାଡିରୁ ଖଣ୍ଡେ କାଠନେଇ ଗୋଟାଏ ବୁଢ଼ୀ ଘରେ ରଖିଦେଲା । ପରଦିନ ଯାଇ ଦେଖେ ତ କାଠଟା, ତା ରଖିବା ଜାଗାରେ ନାହିଁ । ସେ ବୁଢ଼ୀକୁ ପଚାରିଲା ।

''ବୁଢ଼ୀ ମାଉସୀ, ବୁଢ଼ୀ ମାଉସୀ, ମୋ କାଠ କିଏ ନେଲା ?'' ବୁଢ଼ୀ ଚୁଲାଖିରେ କହିଲା, 'ସେକଥା ତ ମୁଁ ଜାଣିନି ବାପ, ତୁ ଚକୁଳି ପିଠା ଦିଖଣ୍ଡ ନେଇ ଯା ।''

ମୂଷା ଚକୁଳିପିଠା ଦି'ଟା ନେଇଗଲା କେତେଜଣ ଝିଅ ଗୋଟାଏ ଜାଗାରେ ଖେଳୁଥିଲେ, ତାଂକୁ ପିଠାଦିଟା ରଖିବାକୁ ଦେଲା ।

ପରେ ଯାଇ ଝିଅମାନଙ୍କୁ ପିଠାମାଗିଲା - ''ଆରେ ଝିଅ ମାନେ, ମୋ ପିଠା କୁଆଡ଼େ ଗଲା, ଦିଅ ।''



ଝିଅମାନେ କହିଲେ, ''ପିଠାକଥା କଣ କହିବୁ । ତୁ ବରଂ ପାନିଆ ଗୋଟେ ନେଇଯା ।'' ମୂଷା ପାନିଆଟି ନେଇ କେତେଜଣ ପୁଅ ପିଲାଙ୍କ ଜିମା ଦେଇଦେଲା । ପରଦିନ ପାନିଆ ମାଗିଲା ତ ସେ ପୁଅ ମାନେ କହିଲେ, ''ତୋ ପାନିଆ କୁଆଡ଼େ ଗଲାଣି-ତୁ ବରଂ ବଇଁଶୀ ଗୋଟେ ନେଇଯା ।''

ମୂଷା ବଇଁଶୀଟି ନେଇ ଗୋଟେ ଗଉଡକୁ ଦେଲା ରଖିବା ପାଇଁ । ପରଦିନ ଯାଇ ଗଉଡକୁ ମାଗିଲା, ''ଗଉଡଭାଇ, ଗଉଡ ଭାଇ, ଝଅଟ କୁହ ମୋ ବଇଁଶୀ କାହିଁ ।''


ଗଉଡ କହିଲା, ''ବଇଁଶୀଟା ତ ନାହିଁ, ବରଂ ତୁ ମୋର ଗୋଟାଏ ମଇଁଷି ନେଇଯାଆ ।

ମୂଷା ମଇଁଷିଟିନେଇ ଡମ ମାନଙ୍କୁ ଦେଲା । ପରଦିନ ଡମମାନଙ୍କ ପାଖକୁ ଯାଇ ଦେଖେତ ମଇଁଷିଟି ନାହିଁ । ସେ ଡମ ମାନଙ୍କୁ ପଚାରିଲା - ''ଡମଭାଇମାନେ,ମୋ ମଇଷିଟା କୁହ ଗଲା ଯେ କେଣେ ।

ଡମମାନେ କହିଲେ, ''ମୂଷାରେ ମୂଷା, ଛାଡ ଏବେ ତୁ ମଇଁଷି କଥା, ଢ଼ୋଲଟିଏ ଅଛି ନେଇଯାଇଥା ।''

ମୂଷା ବିଚରା ଢୋଲଟି ନେଇ କଣ କରିବ । ତାକୁ ଢ଼ମ୍ ଢ଼ମ୍ କରି ବଜେଇବାରେ ଲାଗିଗଲା । ଢୋଲର ଢାଉଁ ଢାଉଁ ଶବ୍ଦ ଶୁଣି ଶୁଖିଲା ପତରଟି କାହୁଁ ଆସିଲା ଉଡି ଉଡି, ମାଟିଠେକିଟିଏ ଝରଣାରୁ ଆସିଲା ଗଡିଗଡି ।

ଏଥର ମୂଷାର ଖୁସି କହିଲେ ନ ସରେ । ତିନି ସଂଗାତ ଢୋଲ ବଜେଇ ବଜେଇ ଗଡିଗଡି; ଉଡିଉଡି, ନାଚି ନାଚି ଘରକୁ ଖୁସିରେ ଫେରିଲେ ।



ତିନି ସଂଗାତଙ୍କୁ ତ ଜାଣିଲ । ବିଚରା ମୂଷା ତା ସାଂଗମାନଙ୍କୁ ପାଇବାକୁ କେତେ କଣ ନ କଲା ? ପିଲାଏ ଏ ଗପଟି ଜୁଆଂଙ୍ଗ ମାନଙ୍କ ପାଖରୁ ଶୁଣି ଲେଖାଯାଇଛି । କେନ୍ଦୁଝରରେ ଗୋନାସିକା ବୋଲି ଗୋଟାଏ ପୂଣ୍ୟପୀଠ ଅଛି । ବୈତରଣୀ ନଦୀ ସେଠାରୁ ବାହାରିଛି । ଜୁଆଙ୍ଗ ମାନେ ସେହି ଗୋନାସିକା ପାଖାପାଖି ଅଂଚଳରେ ରହନ୍ତି । ବଣରୁ ଫଳମୂଳ ସଂଗ୍ରହ ଏବଂ ଜଂଗଲରେ ଚାଷ ବାସ କରି ଏମାନେ ଚଳନ୍ତି । ତାଙ୍କ ଭାଷାରେ ଗାଉଥିବା ଗୀତ ଓ ଗପ ଗୁଡ଼ିକ ଖୁବ୍ ମଉଜିଆ । ଅବସର ସମୟରେ ଗୀତ ନାଚ କରି ଏମାନେ ସମୟ କାଟନ୍ତି । ତିନି ସଂଗାତ୍ କଥା ତାଙ୍କ ଅପରନ୍ତି କାହାଣୀ ମୁଣିଭିତରୁ ତୁମମାନଙ୍କ ପାଇଁ ଗୋଟିଏ ।